# ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୬୬୨ /ସୂ.ଲୋ.ସଂ. ତା. ୩୦/୧୨/୨୧

## ଜିଲ୍ଲାର ଅପହଞ୍ଚ ଗ୍ରାମ ଗୁଡିକରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ ।

ଢେଙ୍କାନାଳ, ତା. ୩୦.୧୨.୨୦୨୧-

ଆଜି ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ମୋ ବ୍ଲକ – ମୋ ଢେଙ୍କାନାଳ କାର୍ଯ୍ୟକ୍ରମରେ ଜିଲ୍ଲାର ଅପହଞ୍ଚ ଅଞ୍ଚଳର ବିକାଶ ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅପପୁଷ୍ଟି ଶିଶୁମାନଙ୍କ ବିଶେଷ ଯତ୍ନ ନେବାକୁ, ସମସ୍ତ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟଗୁଡିକୁ ରାସ୍ତା, ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ ଯୋଗାଣ ଏବଂ ଜମି ଅଧିଗ୍ରହଣର ବିହିତ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର ସମସ୍ତ ୪୮ ଟି ଅପହଞ୍ଚ ଗ୍ରାମକୁ ବିଡିଓ ଏବଂ ବରିଷ୍ଠ ଅଧିକାରୀମାନେ ଗସ୍ତକରି ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଅଗ୍ରାଧିକାର ଭିତ୍ତିରେ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗ୍ରାମାଞ୍ଚଳରେ ମନରେଗା ଯୋଜନାରେ ବିଭିନ୍ନ ପ୍ରକଳ୍ପ କରାଯାଇ ରୋଜଗାର ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ କାମ ଯୋଗାଇ ଦିଆଯିବ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନର ବିକାଶ କରାଯିବା ସହିତ ସେମାନଙ୍କୁ କୁକୁଡା ଚାଷ, ପଶୁପାଳନ, ପନିପରିବା ଚାଷ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିଯୋଜିତ କରାଯାଇ ସେମାନଙ୍କ ଜୀବନ-ଜୀବିକାରେ ସୁଧାର ଅଣାଯିବ । କଙ୍କଡାହାଡ ବ୍ଲକର ପୁଟିପାଳ ଗ୍ରାମର ବିକାଶ ନିମନ୍ତେ ବିଶେଷ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଆଦର୍ଶ ଗ୍ରାମରେ ପରିଣତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏହି ଅଞ୍ଚଳରେ ଥିବା ଶିଶୁମାନଙ୍କୁ ଅଙ୍ଗନବାଡି / ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ସେମାନଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରିବା ସହିତ ସରକାରଙ୍କ ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି । ଅପହଞ୍ଚ ଗ୍ରାମ ଗୁଡିକରେ ହିତାଧିକାରୀମାନଙ୍କୁ ଖାଉଟି ସାମଗ୍ରୀ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ରୁରାଲ ପାର୍କ ମଧ୍ୟ ନିର୍ମାଣ କରାଯିବ । ଜିଲ୍ଲାରେ ଚିହ୍ନଟ ସମସ୍ତ ୪୮ ଟି ଗ୍ରାମକୁ ସମାଜର ମୁଖ୍ୟଧାରାରେ ସାମିଲ କରିବା ଲକ୍ଷ୍ୟ ନେଇ ଅଧିକାରୀମାନେ ନିଷ୍ଠାପରତାର ସହ କର୍ତବ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଚଳିତ ମାସ ୫ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି । ସେହିପରି ଆସନ୍ତା ଜାନୁଆରୀ ମାସ ୨୩, ୨୪ ଏବଂ ୨୫ ତାରିଖ ଦିନ ଜିଲ୍ଲାର ୧ ଲକ୍ଷ ୧୧ ହଜାର ୪୭ ଜଣ (୦-୫ ବର୍ଷ) ଶିଶୁଙ୍କୁ ପଲସ ପୋଲିଓ ବୁନ୍ଦା ଦିଆଯିବ ବୋଲି ଜଣାଯାଇଛି ।

ବୈଠକରେ ଆପତ କାଳୀନ ଅଧିକାରୀ ଶ୍ରୀମତୀ ସ୍ୱିପ୍ନା ଛାୟା ମହାପାତ୍ର ମୋ ବ୍ଲକ, ମୋ ଢେଙ୍କାନାଳ କାର୍ଯ୍ୟକ୍ରମର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଉପଜିଲ୍ଲାପାଳ ସୁଶ୍ରୀ ସ୍ନିଗ୍ଧା ରାଣୀ ଧଳ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବିଡିଓ ଏବଂ ସମ୍ପୃକ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ

ଏହାର ନକଲ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।